## ଛାତ୍ରୀଙ୍କୁ ବଳାତ୍କାର ଘଟଣା
# ନାବାଳକ ଛାତ୍ରଙ୍କୁ ପଠାଗଲା ଜେଜେବି

ବ୍ରହ୍ମପୁର ଅଫିସ,୨୧୧: ଜଣେ ଯୁକ୍ତ ୨ ନାବାଳିକା ଛାତ୍ରୀଙ୍କୁ ଘରେ ପଶି ବଳାତ୍କାର କରିଥିବା ଘଟଣାରେ ବୈଦ୍ୟନାଥପୁର ପୋଲିସ ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଗୁରୁବାର ଜୁଭେନାଇଲ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ମାମଲା ନଂ. ୨/୨୦ ରେ ହାଜର କରିଛି। ପରେ ତାଙ୍କୁ ବାଳସୁଧାର କେନ୍ଦ୍ରକୁ ପଠାଇ ଦିଆଯାଇଥିବା ଜଣାପଡିଛି। ଅନ୍ୟପଟେ ପୋଲିସ ଉଭୟ ପୀଡ଼ିତା ଓ ନାବାଳକଙ୍କର ଏମ୍‌କେସିଜି ଏଫଏମ୍‌ଟିରେ ବୁଧବାର ଡାକ୍ତରୀ ମାଇନା କରାଯାଇଥିଲା। ଗୁରୁବାର ପୀଡ଼ିତାଙ୍କ ବୟାନ ଧାରା ୧୬୪ରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ରେକର୍ଡ କରାଯାଇଛି।

ପ୍ରକାଶଯେ, ଗତ ୩୧ ତାରିଖରେ ସମ୍ପୃକ୍ତ ଛାତ୍ରୀଙ୍କ ଦାଦା ନୂଆ ବର୍ଷ ପାଳନ କରିବାକୁ ତାଙ୍କ ଘରକୁ ଆସିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଟ୍ରେନ ଯୋଗେ ପୀଡିତାଙ୍କ ମା' ଭୁବନେଶ୍ୱର ଯିବା ପାଇଁ ବାହାରିଥିଲେ। ବାଇକ୍‌ରେ ଛାତ୍ରୀଙ୍କ ମା'ଙ୍କୁ ତାଙ୍କ ଦାଦା ଷ୍ଟେଶନ ନେଇ ଯାଇଥିଲେ। ଘରେ ଛାତ୍ରୀ ଜଣକ ଏକାକୀ ଥିବା ବେଳେ ଅନ୍ୟ ଏକ କୋଠରିରେ ତାଙ୍କ ଛୋଟ ଭାଇ ଓ ଭଉଣୀ ଶୋଇଥିଲେ। ଏହାର ସୁଯୋଗ ନେଇ ନାବାଳକ ଜଣକ ସେଠାରେ ପହଞ୍ଚି କବାଟ ବାଡେଇ ଥିଲେ। ଛାତ୍ରୀ ଜଣକ କବାଟ ଖୋଲିଥିଲେ। ନାବାଳକ ତାଙ୍କ ଘରେ ପଶି ଛାତ୍ରୀଙ୍କୁ ଭୟଭୀତ କରିବା ସହ ବଳାତ୍କାର କରିଥିଲେ। ଅନ୍ୟପଟେ ଟ୍ରେନ ବିଳମ୍ବ ଥିବାରୁ ପୀଡିତାଙ୍କ ମା' ଓ ଦାଦା ଘରକୁ ଫେରି ଆସିଥିଲେ। କବାଟ ଖୋଲିବା ପାଇଁ ଝିଅକୁ ମା' ଡାକିଥିଲେ। ହେଲେ ନାବାଳକ ଜଣକ ଏକ ଛୁରି ଛାତ୍ରୀଙ୍କ ବେକରେ ଲଗାଇ କବାଟ ଖୋଲିଥିଲେ। ଏପରିକି ପାଟି କଲେ ଗଳା କାଟି ଦେବି ବୋଲି ଧମକ ଦେଇ ଘଟଣା ସ୍ଥଳରୁ ଖସି ପଳାଇଥିଲେ। ପରେ ଏନେଇ ପୀଡିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ନାବାଳକଙ୍କୁ ବୁଧବାର ଧରିଥିଲା ବୋଲି କହିଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ
# ବୃତ୍ତି ନୁହେଁ, ବିଶ୍ୱରୂପ ଦର୍ଶନ ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ହେଉ

ବ୍ରହ୍ମପୁର ଅଫିସ,୨୧୧

ବୃତ୍ତି ନୁହେଁ, ବିଶ୍ୱଦର୍ଶନ ଓ ବିଶ୍ୱରୂପ ଦର୍ଶନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେବା ଉଚିତ। କେବଳ ବୃତ୍ତି ଲକ୍ଷ୍ୟରେ ଅଧ୍ୟୟନ ବିଦ୍ୟାର୍ଥୀଙ୍କୁ ଶିକ୍ଷା କ୍ଷେତ୍ରରେ ହତାଶ କରାଇଥାଏ। ତେଣୁ ବୃତ୍ତି ସହ ନିଜସ୍ୱ ପ୍ରତିଭାର ବିକାଶ ପାଇଁ ସ୍ୱପ୍ନ ଦେଖିବାକୁ ହେବ। ସ୍ୱପ୍ନ ପୂରଣ ପାଇଁ ଦୁଃସାହସିକ ପଦକ୍ଷେପ ନେବାକୁ ହେବ।

ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୫୪ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ଏହା କହିଛନ୍ତି। ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ସମାରୋହକୁ ଉଦ୍‌ଘାଟନ କରି ଡ. ରାୟ ଆହୁରି କହିଥିଲେ, ଶିକ୍ଷିତ ଯୁବସମାଜଙ୍କର ବିଶ୍ୱକୁ ପରିବର୍ତ୍ତନ କରିବାର କ୍ଷମତା ରଖିଛି। ଯୁବସମାଜ ତଥା ବିଦ୍ୟାର୍ଥୀମାନେ ଶବ୍ଦର ସତ୍ ବ୍ୟବହାର କରିବା ସହ ଦୟା, ପ୍ରେମ, କ୍ଷମା, ମାନବିକତା, କରୁଣା ଚିନ୍ତନକୁ ନିଜ ମଧ୍ୟରେ ଜାଗ୍ରତ କରିବା ଆବଶ୍ୟକ। ମୂଲ୍ୟବୋଧକୁ ଉଜ୍ଜୀବିତ କରିବା ସହ କୁସଂସ୍କାରକୁ କୁଠାରାଘାତ କରି ସମାଜରୁ ଦୂରେଇବା ହେଉଛି ପ୍ରକୃତରେ ଆଧୁନିକତା। ତେଣୁ ମୂଲ୍ୟବୋଧ ଭିତ୍ତିକ ଆଧୁନିକତାକୁ ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ରଞ୍ଜନ ବିଶ୍ୱାଳ ବାର୍ଷିକ ଅଗ୍ରଗତି ସହ ଆଗାମୀ ରୂପରେଖ ସମ୍ପର୍କରେ ବିବରଣୀ ଉପସ୍ଥାପନ କରଥିଲେ। କଲେଜ ଡେଭଲପମେଣ୍ଟ କାଉନ୍‌ସିଲ ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନ ଡ. ପ୍ରତିଭା ରାୟଙ୍କୁ ପ୍ରଦାନ କରାଯାଇଥିଲା। ଦକ୍ଷିଣ ଓଡିଶାର ବହୁ ପ୍ରାଚୀନ ଲୋକ ସଂସ୍କୃତି, ଲୋକକଳାକୁ ବଞ୍ଚାଇ ରଖିବା ଦିଗରେ ସଂଗ୍ରାମ କରି ଆସୁଥିବା କଳାଶିଳ୍ପୀ ଲକ୍ଷ୍ମଣ ଶବର ଓ ନରସିଂହ ତ୍ରିପାଠୀଙ୍କୁ ଦକ୍ଷିଣ ଓଡିଶା ଲୋକ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଉଦ୍‌ଘୋଷକ ହୃଷୀକେଶ ପାଣିଗ୍ରାହୀ ଓ ସାହିତ୍ୟିକ ତଥା କବି ପ୍ରଶାନ୍ତ ମହାନ୍ତିଙ୍କୁ ଅଙ୍ଗବସ୍ତ୍ର ସହ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ପ୍ରତିଷ୍ଠାତା ସଦସ୍ୟ ତତ୍କାଳୀନ ଛାତ୍ରନେତା ଡା. ସତ୍ୟବ୍ରତ ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ପୁରାତନ ଛାତ୍ର ଭାବେ ସତ୍ୟ ସୁନ୍ଦର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟକୁ ଉତ୍ତମ ସେବା ପ୍ରଦାନ କରିଥିବା ଅଣଶିକ୍ଷକ କର୍ମଚାରୀ ପି. ପର୍ଶୁରାମ ପାତ୍ର, ଏ. ସୂର୍ଯ୍ୟପ୍ରକାଶ ରାଓ, ଏନ୍. ଭୀମାରାଜୁ ରେଡ୍ଡୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପାଠ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଓ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଆନ୍ତଃ କଲେଜ ଓଡିଆ ଓ ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ମାନସ ରଞ୍ଜନ ପାତ୍ର, ପ୍ରଫେସର ପ୍ରତାପ କୁମାର ମହାନ୍ତି, ପ୍ରଫେସର ଗୀତାଞ୍ଜଳି ମିଶ୍ର, ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରାୟ, ପ୍ରଫେସର ନୀହାର ରଞ୍ଜନ ମିଶ୍ର, ପ୍ରଫେସର ବିଭୂତି ଭୂଷଣ ମହାପାତ୍ର, ଡ. ଶଙ୍କର ମାଝି, ଡ. ମିହିର କୁମାର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଏମ୍‌କେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଭାଗୀରଥି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



ଡ. ପ୍ରତିଭା ରାୟଙ୍କୁ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ସମ୍ମାନିତ କରାଯାଉଛି।

### ପ୍ରତିଭା ରାୟଙ୍କୁ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର

### ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମୁହଁରୁ

**ଉପେନ୍ଦ୍ର ଭଞ୍ଜଙ୍କ ନାମରେ ପୁରସ୍କାର ପାଇବାର ମହତ୍ତ୍ୱ ଅଲଗା**

ଓଡିଆ ଭାଷାରେ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣକାହାଣୀ ସହ ମାନବତା, ଆଦିବାସୀ, ଗ୍ରାମ୍ୟ ସଂସ୍କୃତି ଉପରେ ଲେଖନୀ ଚାଳନା କରି ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିପାରିଛନ୍ତି ପଦ୍ମଶ୍ରୀ ଡ. ପ୍ରତିଭା ରାୟ। ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ପୁରସ୍କାର ପାଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପୁରସ୍କାର ପାଇବାର ଗୋଟିଏ ଅଲଗା ମହତ୍ୱ ରହିଛି। ଏଥିାଇଁ ସମସ୍ତଙ୍କ ପାଖରେ ମୁଁ କୃତଜ୍ଞ।

-ପଦ୍ମଶ୍ରୀ ଡ. ପ୍ରତିଭା ରାୟ

**ସମ୍ମାନ ମୋ ପାଇଁ ଗୁରୁଜନଙ୍କ ଆଶୀର୍ବାଦ**

ଲୁପ୍ତପ୍ରାୟ ଲାଞ୍ଜିଆ ସଉରା ଜନଜାତିର ଇଡିତାଲ କଳା କଳ୍ପନାକୁ ବିଶ୍ୱରେ ପରିଚିତ କରାଇ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତ ଲକ୍ଷ୍ମଣ ଶବର। ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ଦକ୍ଷିଣ ଓଡିଶା ଲୋକସଂସ୍କୃତି ସମ୍ମାନ ତାଙ୍କ ପାଇଁ ନିଜ ଗୁରୁଜନଙ୍କ ଆଶୀର୍ବାଦ ବୋଲି ସେ କହିଛନ୍ତି।

-ଲକ୍ଷ୍ମଣ ଶବର

**ସମ୍ମାନ କଳାକାରଙ୍କୁ ପ୍ରେରଣା ଯୋଗାଇବ**

ଲୋକନାଟ୍ୟ ଦେଶିଆ ନୃତ୍ୟକୁ ବଞ୍ଚାଇ ରଖିବା, ଜୀବନ୍ୟାସ ପ୍ରଦାନ କରିବାରେ ନରସିଂହ ତ୍ରିପାଠୀଙ୍କ ରହିଛି ବହୁ ଅବଦାନ। ନବରଙ୍ଗପୁର ଅଞ୍ଚଳରେ ଜନ୍ମିତ ତ୍ରିପାଠୀଙ୍କ ଦେଶୀଆ ନାଟକକୁ ବଞ୍ଚାଇ ରଖିବାକୁ କରିଚାଲିଛନ୍ତି ନିରନ୍ତର ଉଦ୍ୟମ। ତେବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଦକ୍ଷିଣ ଓଡିଶା ଲୋକସଂସ୍କୃତି ସମ୍ମାନ ଗ୍ରହଣ କରି କୃତଜ୍ଞତା ଜ୍ଞାପନ କରିଛନ୍ତି।

-ନରସିଂହ ତ୍ରିପାଠୀ

**ପ୍ରଥମ ସ୍ୱର୍ଣ୍ଣପଦକ ଗ୍ରହଣର ସ୍ମୃତିକୁ ଉଜ୍ଜୀବିତ କରିଛି ଏହି ସମ୍ମାନ**

ଭାରତୀୟ ଲୋକଭାଷା, ଲୋକସଂସ୍କୃତି ଓ ପରମ୍ପରା ଦର୍ଶନ, ଆଧାତ୍ମିକ ଚେତନାକୁ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି ବିଶିଷ୍ଟ ଉଦ୍‌ଘୋଷକ ହୃଷୀକେଶ ପାଣିଗ୍ରାହୀ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସେ ଗ୍ରହଣ କରିଥିବା ପ୍ରତିଭା ସମ୍ମାନ ତାଙ୍କ ପାଇଁ ସର୍ବଶ୍ରେଷ୍ଠ। ବିଶ୍ୱବିଦ୍ୟାଳୟରୁ ଗଣଯୋଗାଯୋଗ ବିଭାଗରେ ପ୍ରଥମ ସ୍ୱର୍ଣ୍ଣପଦକ ଗ୍ରହଣ ବେଳର ସ୍ମୃତିକୁ ଏହି ସମ୍ମାନ ପୁଣି ଉନ୍ମୁକ୍ତ କରିପାରିଛି।

-ହୃଷୀକେଶ ପାଣିଗ୍ରାହୀ

## ପୁଣି ବିଶ୍ୱରେକର୍ଡ ସୃଷ୍ଟି କରିବ ବ୍ରହ୍ମପୁର ଆଇଟିଆଇ
# ୨୨ଫୁଟର ବନିଶୀକଣ୍ଟାଯୁକ୍ତ ମାଛ କଳାକୃତି

ବ୍ରହ୍ମପୁର ଅଫିସ,୨୧୧

ବ୍ରହ୍ମପୁର ଆଇଟିଆଇ ପୁଣି ବିଶ୍ୱସ୍ତରରେ ରେକର୍ଡ କରିବାକୁ ଯାଉଛି। ପୂର୍ବରୁ ସ୍କ୍ରାପ୍ ତଥା ଆବର୍ଜନାରେ ଏସିଆର ସର୍ବ ବୃହତ୍ ଗିଟାର ଏସିଆ ବୁକ ଅଫ ରେକର୍ଡ ଓ ଜିରାଫ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିଲା। ଏବେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍କ୍ରାପ୍‌ରେ ନିର୍ମିତ ୨୨ଫୁଟ ଉଚ୍ଚତାର ବନିଶୀ କଣ୍ଟାଯୁକ୍ତ ମାଛ କଳାକୃତି ଗିନିଜ ବୁକ ଅଫ ରେକର୍ଡରେ ସ୍ଥାନୀତ ହେବାକୁ ଯାଉଥିବା ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ ସୂଚାଇଛନ୍ତି। ଆଇଟିଆଇର ପୁରୁଣା ହଷ୍ଟେଲ କୋଠାରୁ ବାହାରିଥିବା ଲୁହା ରଡ, ସିଟ୍‌ରେ ନିର୍ମିତ ଏହି ମାଛ ବନିଶୀ କଣ୍ଟାକୁ ଫିଟର, ୱେଲ୍‌ଡର, ପେଣ୍ଟର ଟ୍ରେଡର ଛାତ୍ରୀଛାତ୍ରମାନେ ଦୀର୍ଘ ୪୦ ଦିନ ମଧ୍ୟରେ ପ୍ରସ୍ତୁତ କରିଛନ୍ତି। ଏହାର ଓଜନ ୪୦୦ କେଜିରୁ ଉର୍ଦ୍ଧ୍ୱ ରହିଛି। ଏହାକୁ ବର୍ତ୍ତମାନ ଗିନିଜ୍ ବୁକ ଅଫ ରେକର୍ଡସ୍ ପାଇଁ ଆବେଦନ କରାଯାଇଛି। ଏବେ ସୁଦ୍ଧା ଗିନିଜ୍ ବୁକ ଅଫ ରେକର୍ଡସ୍‌ରେ ୟୁଏସଏର ଆବର୍ଜନାରେ ପ୍ରସ୍ତୁତ ୧୦.୧୦ ଫୁଟ ଉଚ୍ଚ ଓ ୧୫.୬ ଫୁଟ ଉଚ୍ଚତାର ଦୁଇଟି ବନିଶୀକଣ୍ଟାଯୁକ୍ତ ମାଛ ରହିଛି। ତେଣୁ ଏହି କଳାକୃତି ଆଗାମୀ ଦିନରେ ଗିନିଜ୍ ବୁକ ଅଫ ରେକର୍ଡସ୍‌ରେ ସ୍ଥାନିତ ହେବା ନେଇ ଆଶା ରହିଥିବା ଅଧ୍ୟକ୍ଷ ଡ. ପାଣିଗ୍ରାହୀ କହିଛନ୍ତି।


ସ୍କ୍ରାପ୍‌ରେ ନିର୍ମିତ ବନିଶୀ କଣ୍ଟାଯୁକ୍ତ ମାଛ କଳାକୃତି।

# ବିଏମ୍‌ସିର ୪ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨୧୧

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱେଚ୍ଛାକୃତ ଅବସରଗ୍ରହଣ କରିଥିବା ନିର୍ବାହୀଯନ୍ତ୍ରୀ ପି. ଶ୍ୟାମବାବୁ ପାତ୍ର, ମୁଖ୍ୟ ସହାୟକ ରୋହିତ ରାଉଳ, ଆକ୍ସାଇ କଲେକ୍ଟର ପୀତାମ୍ବର ପ୍ରହରାଜ, ତାଡେକେଶ୍ୱର ନାୟକଙ୍କୁ କମିଶନର ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ସରକାରଙ୍କର ୫ ଟି କାର୍ଯ୍ୟକ୍ରମକୁ କର୍ମଚାରୀମାନେ ନିଷ୍ଠାର ସହ ପାଳନ କରିବାକୁ କମିଶନର ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ, ମୁଖ୍ୟବିତ୍ତ ଅଧିକାରୀ, ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ମଞ୍ଚାସୀନ କମିଶନର, ଅବସରପ୍ରାପ୍ତ କର୍ମଚାରୀ।

# ମୋଦି ସରକାର ଦେଲେ ନୂଆବର୍ଷ ଭେଟି: କଂଗ୍ରେସ

ବ୍ରହ୍ମପୁର ଅଫିସ,୨୧୧

**ଗ୍ୟାସ୍ ଓ ରେଳଭଡ଼ା ବୃଦ୍ଧି ନେଇ ପ୍ରତିକ୍ରିୟା**
- ଭାଜପା କହିଲା ବିଜେଡି ନେତା ଉତ୍ତର ଦେବେ
- ମୂଲ୍ୟ ବଢ଼ାଇବା ଠିକ୍ ହୋଇନାହିଁ :ବ୍ରହ୍ମପୁର ଏମ୍‌ପି

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦି ସରକାର ଜାନୁୟାରୀ ପହିଲାରୁ ଏଲ୍‌ପିଜି ସିଲିଣ୍ଡର(ଅଣସବ୍‌ସିଡ୍‌ଯୁକ୍ତ) ଓ ରେଳଭଡ଼ା ଅଚାନକ ଭାବେ ବଢ଼ାଇଛନ୍ତି। ଏହା ଫଳରେ ସାଧାରଣ ଗରିବ ଓ ମଧ୍ୟବିତ ଶ୍ରେଣୀର ଲୋକଙ୍କୁ ନୂଆବର୍ଷ ଭେଟି ଦେଇଛନ୍ତି ବୋଲି ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ କଟାକ୍ଷ କରାଯାଇଛି ଏବଂ ବର୍ଦ୍ଧିତ ଦର ପ୍ରତ୍ୟାହାର ପାଇଁ ଦାବି ହୋଇଛି। ନଚେତ୍ ଖାଉଟିଙ୍କୁ ମେଳି କରି କଂଗ୍ରେସ ଏହି ଜିଲାରୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପୀତବାସ ପଣ୍ଡା ଗୁରୁବାର ବ୍ରହ୍ମପୁରରେ ଆହୁରି କହିଛନ୍ତି, ମୋଦିଙ୍କ ଶାସନରେ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଥିବା ବେଳେ ଏବେ ପୁଣି ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ହାଣ୍ଡିଶାଳକୁ ପ୍ରଭାବିତ କରିଛି। ଅଣସବ୍‌ସିଡି ସିଲିଣ୍ଡର ଦାମ ବୃଦ୍ଧି କରି ଗ୍ରାହକଙ୍କୁ ବେଢି ଉପରେ କୋରଡ଼ା ମାଡ଼ ଦେଇଛନ୍ତି।

ଜିଲା କଂଗ୍ରେସ ନେତା ସୂଚାଇଛନ୍ତି, ଉପା ସରକାରଙ୍କ ଅମଳରେ ସବ୍‌ସିଡି ଗ୍ୟାସ ସିଲିଣ୍ଡର ମୂଲ୍ୟ ୪୩୦ ଟଙ୍କା ଥିବା ବେଳେ ମୋଦିଙ୍କ ୬ ବର୍ଷ ଶାସନରେ ୭୧୪ ଟଙ୍କାକୁ ବୃଦ୍ଧି ପାଇଛି। ତେଣୁ ଏହି ସରକାର ଜନ ବିରୋଧୀ ହୋଇଥିବା ସ୍ପଷ୍ଟ ହୋଇଛି। ନିର୍ବାଚନ ସରିବା ପରେ ନିଆଯାଇଥିବା ପଦକ୍ଷେପର ଠିକଣା ସମୟରେ ଲୋକେ ଜବାବ ଦେବେ ବୋଲି କୁହାଯାଇଛି। ସେହିପରି ସବୁ ଶ୍ରେଣୀର ରେଳଭଡ଼ା ବୃଦ୍ଧିକୁ ମଧ୍ୟ ନିନ୍ଦା କରାଯାଇଛି। କର୍ପୋରେଟ ସେକ୍ଟରକୁ ଲକ୍ଷ ଲକ୍ଷ କୋଟି ଟଙ୍କା ଛାଡ଼ କରାଯାଉଥିବା ବେଳେ ଜନସାଧାରଣଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର କାହିଁକି ମୂଲ୍ୟ ବଢ଼ାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ସମାଲୋଚନା କରାଯାଇଛି।

ବରିଷ୍ଠ ଭାଜପା ନେତା କାହ୍ନୁ ଚରଣ ପତିଙ୍କ ପ୍ରତିକ୍ରିୟା ନେବାରୁ ରାଜ୍ୟରେ ବିଜେଡି ସରକାର ଶାସନ କରୁଛି ଏବଂ ଲୋକ ସଭାରେ ବିରୋଧୀ ଦଳ ହୋଇଛି। ମୋ ଅପେକ୍ଷା ସେହି ଦଳ ନେତାମାନେ ଉପଯୁକ୍ତ ଉତ୍ତର ଦେଇପାରିବେ ବୋଲି ପତି କହିଛନ୍ତି। ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ କହିବାନୁସାରେ, ରନ୍ଧନ ଗ୍ୟାସ୍ ନେଇ କେନ୍ଦ୍ର ସରକାର ପ୍ରଚାର କରୁଛନ୍ତି। ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗ୍ୟାସ୍ ଏବେ ସବୁବର୍ଗର ପରିବାର ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ସିଲିଣ୍ଡର ମୂଲ୍ୟ ବୃଦ୍ଧି ଉଚିତ ହୋଇ ନାହିଁ। ଯେକୌଣସି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ସ୍ଥିର ରହିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବାମପନ୍ଥୀ ଦଳଗୁଡିକ ମଧ୍ୟ ଗ୍ୟାସ୍ ଓ ରେଳଭଡ଼ା ବୃଦ୍ଧିକୁ ନିନ୍ଦା କରିଛନ୍ତି।

## ଜାତୀୟ ରାଜପଥ ଏଣ୍ଟ୍ରି ପଏଣ୍ଟରେ ଦୁର୍ଘଟଣା
# ଟ୍ରକ୍ ଧକ୍କାରେ ମହିଳା ମୃତ, ସ୍ୱାମୀ ଗୁରୁତର

ବ୍ରହ୍ମପୁର ଅଫିସ,୨୧୧

ମରଣଯନ୍ତା କୁହାଯାଉଥିବା ହଳଦିଆପଦର ଜାତୀୟ ରାଜପଥ ଏଣ୍ଟ୍ରି ପଏଣ୍ଟରେ ଗୁରୁବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ବ୍ରହ୍ମପୁରରୁ ହଳଦିଆପଦର ଓଭରବ୍ରିଜ ଦେଇ ଜାତୀୟ ରାଜପଥକୁ ଯାଉଥିବା ଏକ ବାଇକ୍‌କୁ ଆନ୍ଧ୍ରରୁ କଟକ ଅଭିମୁଖେ ଆସୁଥିବା ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଟ୍ରାଫିକ ଥାନାଧିକାରୀ ସୁନୀଲ କୁମାର ବେହେରା ଓ ଗୋଷାଣୀନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ ପହଞ୍ଚିଥିଲେ। ମୃତ ମହିଳା ରୀତା କୁମାରୀ ହୋତା (୩୨) ବୋଲି ପୋଲିସ କହିଛି। ଅନ୍ୟପଟେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ଆମ୍ବପୁରର ମହେନ୍ଦ୍ର କୁମାର ହୋତା। ତାଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ନଂ. ୧/୨୦ରେ ଏକ ମାମଲା ରୁଜୁ କରିଛି। ମହେନ୍ଦ୍ର ଗୁରୁବାର କୌଣସି କାମରେ ସ୍ତ୍ରୀ ରୀତାଙ୍କ ସହ ବ୍ରହ୍ମପୁର ଆସିଥିଲେ। କାମ ସାରି ମହେନ୍ଦ୍ର ସ୍ତ୍ରୀଙ୍କୁ ଧରି ବାଇକ୍ (ନଂ ଓଆର୦୭କେ -୨୧୨୩) ରେ ଘରକୁ ଫେରୁଥିଲେ। ହଳଦିଆପଦର ଓଭରବ୍ରିଜ ଦେଇ ଜାତୀୟ ରାଜପଥକୁ ଯାଉଥିବା ବେଳେ ଏକ ମାଲ ବୋଝେଇ ଟ୍ରକ୍ (ନଂ ଓଆର ୦୭କେ -୩୫୦୭) ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍ ଜବତ କରିଛି।


**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା,** ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ନିରୋଦ କୁମାର ନନ୍ଦ,** ପିତା: ହରିହର ନନ୍ଦ, ଏବଂ **ଜ୍ୟୋତ୍ସ୍ନାରାଣୀ ପଣ୍ଡା,** ସ୍ୱା: ନିରୋଦ କୁମାର ନନ୍ଦ, ଉଭୟଙ୍କ ଠିକଣା: ସା-ଲିଙ୍ଗିପୁର, ପୋ-ଶିଶୁପାଳଗଡ, ଜିଲ୍ଲା-ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ: ଶ୍ରୀ ନିରୋଦ କୁମାର ନନ୍ଦ।** | ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୧୨୯୪, ପ୍ଲଟ ନଂ.- ୧୫୨୬/୩୧୬୪, ଏରିଆ- ଏକର୦.୦୨୮ ଡିସିମିଲି, ଏବଂ ଖାତା ନଂ.- ୭୩୧/୧୨୯୨, ପ୍ଲଟ ନଂ.- ୧୫୨୭/୩୧୬୨, ଏରିଆ- ୦.୦୧୧ ଡିସିମିଲି, ସମୁଦାୟ ଏରିଆ- ଏକର୦.୦୩୯ ଡିସିମିଲି, ୮୩.ମୌଜା- ଲିଙ୍ଗିପୁର, ଡିଏସ୍ଆରଓ / ଥାନା- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୧୫୨୮, ଉତର- ସୁଧୀର କୁମାର ନନ୍ଦ-ଏଲ୧୮୪୧, ଦକ୍ଷିଣ- କ୍ଷିରୋଦ କୁମାର ନନ୍ଦ। | ୨୮.୧୦.୨୦୧୯ | ୦୨.୦୧.୨୦୨୦ | ତା.୨୭.୧୦.୨୦୧୯ ସୁଦ୍ଧା **ଟ.୨୯,୦୦,୪୫୪.୩୯** + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୨.୦୧.୨୦୨୦** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

## ସଂକ୍ଷେପରେ

### ମାଲ ବୋଝେଇ ଟ୍ରକ ଜଳିଗଲା



**ଭଞ୍ଜନଗର,୨।୧(ଡି.ଏନ.ଏ):** ତାରସିଂ ନିକଟ ଜଙ୍ଗଲ ରାସ୍ତାରେ ମାଲ ବୋଝେଇ ଏକ ଟ୍ରକ ଗୁରୁବାର ଭୋରରେ ଶଟ୍ ସର୍କିଟ୍ ଯୋଗୁ ଜଳିଯାଇଛି । ଭଞ୍ଜନଗର-ଦଶପଲ୍ଲା ମୁଖ୍ୟ ରାସ୍ତାରେ ଏପରି ଘଟିଥିବା ଖବରପାଇ ଦଶପଲ୍ଲା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକଟି ସମ୍ବଲପୁରରୁ ଲୁହାଚାଦର ନେଇ ତାମିଲନାଡୁ ଅଭିମୁଖେ ଯାଉଥିଲା। ତାରସିଂ ନିକଟ ଜଙ୍ଗଲ ରାସ୍ତାରେ ଗାଡ଼ିରୁ ଧୁଆଁ ବାହାରିବାରୁ ଚାଳକ ଗାଡି ଅଟକାଇଥିଲେ । ପରେ ହେଲ୍‌ପର ଓ ଚାଳକ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ । କିଛି ସମୟ ମଧ୍ୟରେ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଥିଲା ।

### ମରାମତି ହେଲା ପ୍ରାଣୀ ଚିକିତ୍ସାକେନ୍ଦ୍ର, ଆସିଲେ ଏଲ୍‌ଆଇ

**ଫିରିଙ୍ଗିଆ,୨।୧:** ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଞ୍ଚାୟତରେ ଭାଙ୍ଗିରୁଜି ଯାଇଥିବା ପ୍ରାଣୀ ଚିକିତ୍ସାକେନ୍ଦ୍ର ମରାମତି ହୋଇଛି। ଏଠାକୁ ଏଲଆଇ ଆସି ପ୍ରାଣୀ ସମ୍ପଦକୁ ସେବା ଯୋଗାଉଛନ୍ତି। ପୂର୍ବରୁ ଏସବୁ ସୁବିଧା ଏଠାରେ ମିଳୁ ନ ଥିଲା। ଚିକିତ୍ସାକେନ୍ଦ୍ର ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ କାମ ଆରମ୍ଭ ହୋଇ ନ ଥିଲା। ଆବଶ୍ୟକ ଚିକିତ୍ସା ନ ପାଇ ପ୍ରାଣୀ ସମ୍ପଦଙ୍କ ଜୀବନ ଯାଉଥିବା ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ପରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ମରାମତି ହୋଇଛି।

ଏ ସମ୍ପର୍କରେ ଏଲ୍‌ଆଇ ଅଶୋକ ପାତ୍ର କହିଛନ୍ତି ଯେ, ସେ ବର୍ତ୍ତମାନ ୪ ପଞ୍ଚାୟତ ପାହିରାଜୁ, ଲୁଇସିଂ, କୋଏରମାଣ୍ଡୁ, ବାଲନ୍ଦାପଡା ଦାୟିତ୍ୱରେ ରହିଛନ୍ତି। ପୂର୍ବରୁ ଏବଂ ଏବେ ମଧ ଗାଁ ଗାଁ ବୁଲି ସେବା ଯୋଗାଉଛନ୍ତି। ସୋମବାରଠାରୁ ପ୍ରାଣୀ ଚିକିତ୍ସା କେନ୍ଦ୍ର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

**ଶଙ୍କରାଖୋଲ, ୨।୧ (ଡି.ଏନ.ଏନ.):** ଟିକାବାଲି ବ୍ଲକର ଟିପାରିଗାଁକୁ ଗୁରୁବାର ଟିକାବାଲି ବିଡିଓ ଫକୀର ଚରଣ ପରିଡା ପରିଦର୍ଶନରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଥମେ ଟିପାରିଗାଁରେ ହୋଇଥିବା ପାଇଖାନା ଗୃହ ନିର୍ମାଣ ଓ ବ୍ୟବହାର ଉପରେ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାହାରେ ମଳତ୍ୟାଗ ନ କରିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଉକ୍ତ ଗ୍ରାମରେ ପୋଖରୀ, ଚୁଆର ପୁନରୁଦ୍ଧାର କରାଯିବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ପଲିଥିନମୁକ୍ତ ଓ ଗାଈ ଗୋବରରୁ ଖତ ପ୍ରସ୍ତୁତ କରି ଚାଷ କାମରେ ବ୍ୟବହାର ପାଇଁ କହିଥିଲେ। ଗ୍ରାମରେ କିଛି ଲୋକେ ପାଇଖାନା ପାଇ ନ ଥିବା ଅଭିଯୋଗ କରିବା ପରେ ସେମାନଙ୍କୁ ଯଥାଶୀଘ୍ର ଶୌଚାଳୟ ନିର୍ମାଣ ପାଇଁ ଦିଆଯିବ ବୋଲି ବିଡିଓ କହିଥିଲେ।

# ବ୍ରହ୍ମପୁର ବନଖଣ୍ଡରେ ପକ୍ଷୀ ଗଣନା ଆଜି

**ବ୍ରହ୍ମପୁର ଅଫିସ,୨।୧**



- ୩୭ ଦଳ ନିୟୋଜିତ
- ୨୦୧୮ରେ କମିଥିଲା, ୨୦୨୦କୁ ନଜର
- ପାଗ ଅନୁକୂଳ ଯୋଗୁ ପକ୍ଷୀ ସଂଖ୍ୟା ବୃଦ୍ଧି ଆଶଙ୍କା

ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ଶୁକ୍ରବାର ବାର୍ଷିକ ପକ୍ଷୀ ଗଣନା ଅନୁଷ୍ଠିତ ହେବ। ଏହାକୁ ନେଇ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ବନଖଣ୍ଡ ଅଧୀନ ଦିଗପହଣ୍ଡି, ଖଲ୍ଲିକୋଟ, ବ୍ରହ୍ମପୁର ଓ ସାମନ୍ତିଆପଲ୍ଲୀ ରେଞ୍ଜରେ ପକ୍ଷୀ ଗଣନା ହେବ। ଏହି ୪ ରେଞ୍ଜ ପାଇଁ ମୋଟ ୩୭ ଗଣନା ଦଳ ଗଠନ କରାଯାଇଛି। ପ୍ରତ୍ୟେକ ଦଳରେ ୩/୪ କର୍ମଚାରୀ ନିୟୋଜିତ କରାଯାଇଛି। ଚଳିତ ବର୍ଷ ତାପମାତ୍ରା ଅନୁକୂଳ ଥିବାରୁ ପକ୍ଷୀ ସଂଖ୍ୟା ବଢିବ ବୋଲି ବିଭାଗୀୟ ଅଧିକାରୀମାନେ ଆଶା କରୁଛନ୍ତି। ପ୍ରତ୍ୟେକ ବର୍ଷ ଜାନୁୟାରୀ ପ୍ରଥମ ସପ୍ତାହରେ ପକ୍ଷୀ ଗଣନା କରାଯାଇଥାଏ। ବ୍ରହ୍ମପୁର ବନଖଣ୍ଡ ଓ ଖଲ୍ଲିକୋଟ ବନଖଣ୍ଡ ରେଞ୍ଜ ପାଇଁ ୧୦ ଜଣ ଲେଖାଏ ଗଣନାକାରୀ ଦଳ ଗଠନ କରାଯାଇଥିବା ବେଳେ ଦିଗପହଣ୍ଡି ରେଞ୍ଜ ପାଇଁ ୧୨ ଏବଂ ସାମନ୍ତିଆପଲ୍ଲୀ ରେଞ୍ଜ ପାଇଁ ୬ ଜଣ ଲେଖାଏ ଗଣନାକାରୀ ଦଳ ନିୟୋଜିତ ରହିବେ ବୋଲି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ପକ୍ଷୀ ଗଣନା ବେଳେ ଉପକୂଳ ଅଞ୍ଚଳର ଉଷ୍ମ ଆର୍ଦ୍ରଭୂମିକୁ ଗୁରୁତ୍ୱ ଦିଆଯିବ। କାରଣ ଏଭଳି ଅଞ୍ଚଳରେ ରହିବା ପାଇଁ ବିଦେଶୀ ପକ୍ଷୀ ଅଧିକ ପସନ୍ଦ କରିଥାନ୍ତି। ଗଞ୍ଜାମ ଜିଲାର ଏଭଳି ଅଞ୍ଚଳ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି। ଉଷ୍ମ ଆର୍ଦ୍ରଭୂମି ଅଞ୍ଚଳରେ ଜଳବାୟୁ ଉଷ୍ମ ରହିଥାଏ। ଫଳରେ ବିଦେଶୀ ପକ୍ଷୀଙ୍କୁ ତାହା ବେଶ ଅକୃଷ୍ଟ କରିଥାଏ। ଚଳିତ ବର୍ଷ ପକ୍ଷୀ ଗଣନା ପାଇଁ ଜାଗା ଚିହ୍ନଟ କରାଯାଇଛି। ବ୍ରହ୍ମପୁର ରେଞ୍ଜର ତାମ୍ପରା ହ୍ରଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୋଖରୀ, ଚୈତନ୍ୟପଡା ପୋଖରୀ, ଖଲ୍ଲିକୋଟ ରେଞ୍ଜର ହୁମ୍ମା ଲୁଣଫାର୍ମ, ଋଷିକୁଲ୍ୟା ମୁହାଣ, ଚମ୍ପେଇ ଘାଇ, ମଥୁରା ନାଳ, ଦିଗପହଣ୍ଡି ରେଞ୍ଜର ଘୋଡାହାଡ ଡ୍ୟାମ, ହୋଡାସିଂ ସାଗର, କଳିଙ୍ଗଦୋଳା ସାଗର, ଚକ୍ରବଟି ସାଗର, ବଗଲ ବନ୍ଧ ଓ ସାମନ୍ତିଆପଲ୍ଲୀ ରେଞ୍ଜର ପଣ୍ଡା ସାଗର, ବାଘଲଟି ଡ୍ୟାମ, ଗୋପାଳସାଗର କହ୍ନେଇନାଳ ସାଗର ପ୍ରଭୃତି ଜାଗା ଚିହ୍ନଟ କରାଯାଇଛି ବୋଲି ଡିଏଫଓ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ପକ୍ଷୀ ଗଣନା ବେଳେ ୩୮ ଜଳାଶ୍ରୟରେ ୯୨ ପ୍ରଜାତିର ୟୁରେସିଆନ ବିଟେନ, କମନ କେଷ୍ଟ୍ରଲ, ଗ୍ରେଟ ଇଗ୍ରେଟ, କଟନ ପିଗ୍‌ମିକ୍ ଗୁଜ, ବାର ହେଡେଡ୍ ଗୁଜ ଇତ୍ୟାଦି ପ୍ରଜାତିର ୧୧ ହଜାର ୯୧୧ ପକ୍ଷୀ ଥିଲେ ବୋଲି ଡିଏଫଓ କହିଛନ୍ତି।

## ଦିବ୍ୟଜୀବନ ସଂଘର ଆଧାତ୍ମିକ କାର୍ଯ୍ୟକ୍ରମ



ଆଧାତ୍ମିକ କାର୍ଯ୍ୟକ୍ରମ।

**ବ୍ରହ୍ମପୁର ଅଫିସ,୨।୧**

ସ୍ଥାନୀୟ ଗଜପତି ନଗର ତିନି ନମ୍ବର ଲେନ୍‌ରେ କଳିଙ୍ଗ ବୈଶ୍ୟ ସଂଘ ନିକଟରେ ଏକ ଅଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇଥିଲେ। ନୂତନ ବର୍ଷ ବିଶ୍ୱବାସୀଙ୍କ ପାଇଁ ମଙ୍ଗଳ ଦାୟକ ପାଇଁ ସେ ଆଶା ପ୍ରକଟ କରିଥିଲେ। ମାନବ ସମାଜ କୂଟ କପଟ ତ୍ୟାଗ କରି ଭଗବାନଙ୍କ ନାମ ସଂକୀର୍ତ୍ତନ କରିବା ସହ ସମାଜର ମଙ୍ଗଳ ପାଇଁ ବ୍ରତୀ ହେବାକୁ ସେ ବାର୍ତ୍ତା ଦେଇଥିଲେ। ମାନବ ଜୀବନ ଦୁର୍ଲଭ। ଏଣୁ ଏହାର ମହାନତାକୁ ବଜାୟ ରଖିବା ପାଇଁ ଭଗବାନଙ୍କ ନାମ ଗୁଣଗାନ କରିବାକୁ ହେବ ବୋଲି ସ୍ୱାମୀ ହରିଶରଣାନନ୍ଦ ପ୍ରବଚନ ବେଳେ ଉପସ୍ଥିତ ଭକ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଭକ୍ତ ଯୋଗଦେଇ ସ୍ୱାମୀଜୀଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହାକୁ ପରିଚାଳନା କରିବାରେ ଦୀନବନ୍ଧୁ ପଣ୍ଡା, ବାସବା ରାଜୁ, ପୂର୍ଣ୍ଣଚନ୍ଦ୍ର ଦାଶ ଓ ବିଶ୍ୱନାଥ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

### ଗୌତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ବଡ଼ଗଡ଼କୁ ହରାଇ ବେଗୁନିଆପଡ଼ା ବିଜୟୀ



ଟୁର୍ନାମେଣ୍ଟ ଉଦଘାଟନୀରେ ଉପସ୍ଥିତ ଅତିଥିମାନେ।

**ହିଞ୍ଜିଳିକାଟୁ,୨।୧(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ କଲେଜ ପଡ଼ିଆରେ ଗୁରୁବାରଠାରୁ ଜିଲାସ୍ତରୀୟ ଗୌତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁର ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହିଞ୍ଜିଳିକାଟୁ କଲେଜ ଅଧ୍ୟକ୍ଷ ଅଜିତ କୁମାର ମିଶ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ଆଇଆଇସି ଅଭିମନ୍ୟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ ବେଗୁନିଆପଡ଼ା କ୍ରିକେଟ କ୍ଲବ ଓ ବଡ଼ଗଡ଼ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ ଜିଣି ବଡ଼ଗଡ଼ ଟିମ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୨୩୯ରନ କରିଥିଲା। ଜବାବରେ ବେଗୁନିଆପଡ଼ା ଟିମ ୧୯ ଓଭରରେ ୭ ଉଇକେଟ ବିନିମୟରେ ୨୪୦ ରନ କରି ବିଜୟୀ ହୋଇଛି। ବିଜୟୀ ଦଳର ଗୋପାଳ ଦୋରା ୭୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି। ଲକ୍ଷ୍ମୀ ନାରାୟଣ ବିଶ୍ୱାସରାୟ, ନିଶିକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ। ରୁଦ୍ର ପାଣିଗ୍ରାହୀ, ଦିନେଶ ପାଣିଗ୍ରାହୀ, ଦିପକ ମୁନୀ, ମଣ୍ଟୁ ସାହୁ , ବିନାୟକ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଧାୟିକାଙ୍କ ଅଭିଯୋଗ ଶୁଣାଣି ପାଇଁ ପ୍ରସ୍ତୁତି

**ବେଗୁନିଆପଡ଼ା,୨।୧(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କୋଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ନବବର୍ଷ ପାଳନ କରିଛନ୍ତି। ଏହି ସମୟରେ ଏକ ସମୀକ୍ଷା ବୈଠକ ମଧ ହୋଇଥିଲା। ବିଧାୟିକା ଲୋକଙ୍କ ଅଭିଯୋଗ ଶୁଣାଣି ପାଇଁ ଆଲୋଚନା ହୋଇଥିଲା। ପ୍ରତି ମାସର ଦ୍ୱିତୀୟ ଗୁରୁବାର କୋଦଳା ଏନଏସି, ଶୁକ୍ରବାର ବେଗୁନିଆପଡ଼ା ବ୍ଲକ, ତୃତୀୟ ଗୁରୁବାର କବିସୂର୍ଯ୍ୟନଗର ଏନ୍‌ଏସି, ଶୁକ୍ରବାର କବିସୂର୍ଯ୍ୟନଗର ବ୍ଲକ ଓ ଚତୁର୍ଥ ଗୁରୁବାର ପୁରୁଷୋତ୍ତମପୁର ଏନ୍‌ଏସି, ଶୁକ୍ରବାର ପୁରୁଷୋତ୍ତମପୁର ବ୍ଲକରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଧାୟିକା ପ୍ରକାଶ କରିଥିଲେ। ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ବେଳେ ସେମାନଙ୍କ ସମ୍ପର୍କ ହୋଇପାରିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ମଧ ସଫଳ ହୋଇପାରିବ ବୋଲି ବିଧାୟିକା ମତପ୍ରକାଶ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଓ ବ୍ଲକ ବିଜେଡି ସଭାପତି, ଏନଏସି ସଭାପତିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଛତ୍ରପୁର,୨।୧(ଡି.ଏନ.ଏ)**

ଛତ୍ରପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗତ ୧୭ ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେବା ଆବଶ୍ୟକ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁମିତା ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ୧୨୦ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର୍ ଉଷାରାଣୀ ପାତ୍ର ଓ ଲକ୍ଷ୍ମୀପ୍ରିୟା ସାହୁ ତାଲିମ୍ ଦେଇଥିଲେ। ଅଧ୍ୟାପିକା କବିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷବର୍ଷ ଛାତ୍ରୀ ସଙ୍ଗୀତା ବେହେରା ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଲିଜା ରାଣୀ ଗୌଡ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଯାଜ୍ଞସେନୀ ପାଣିଗ୍ରାହୀ, ମଧୁଛନ୍ଦା ସାମନ୍ତରାୟ, ବନିତା ନାୟକ, ଲିଲି ବେହେରା, ସନ୍ତୋଷ କୁମାର ବିଶୋଇ, ଗୀତାଞ୍ଜଳି ସାମନ୍ତରାୟ, ଏମ୍. ଜନାର୍ଦ୍ଦନ ରେଡ୍ଡୀ, ନାଗମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତାଲିମ ପାଇଥିବା ଛାତ୍ରୀମାନଙ୍କୁ ଜିଲାପାଳ ପ୍ରମାଣପତ୍ର ପ୍ରଦାନ କରିଥିଲେ।




ଜିଲାପାଳ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ମାମଲା

## ପ୍ରଧାନଶିକ୍ଷକଙ୍କ ସମେତ ୨ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨।୧**

ଗଞ୍ଜାମ ଜିଲା ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ଗୁରୁବାର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶ ଯେ, କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଏକ ସ୍କୁଲରେ ଜଣେ ଶିକ୍ଷୟିତ୍ରୀଙ୍କୁ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ମାନସିକ ନିର୍ଯାତନା ଦେବା ସହ ଅଶ୍ଳୀଳ ଇଙ୍ଗିତ କରିଥିବା ଅଭିଯୋଗ ହୋଇଥିଲା। ୨୦୧୮ ଜୁଲାଇ ୧୦ରେ ଶିକ୍ଷୟିତ୍ରୀ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୭/୧୮ରେ ମାମଲା ରୁଜୁ କରିଥିଲା। ଧାରା ୪୧ ଅନୁସାରେ କୋର୍ଟରେ ହାଜର ପାଇଁ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଥିଲା। ସେହିପରି ଶିକ୍ଷୟିତ୍ରୀ ଜଣକ ଏନେଇ ଜିଲାପାଳ, ଉପ-ଜିଲାପାଳ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ଜଣାଇଥିଲେ। ଗୁରୁବାର ଏହି ମାମଲାର ବିଚାର ବେଳେ ଏସ୍‌ଡ଼ିଜେଏମ୍ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି ଓ କୃଷ୍ଣ ଚନ୍ଦ୍ର ଚୌଧୁରୀ ମୋକଦ୍ଦମା ପରିଚାଳନା କରିଥିଲେ।

## ଭିଡିଓ କନ୍‌ଫରେନ୍ସିଂରେ ହାଇକୋର୍ଟ ମୁଖ୍ୟ ବିଚାରପତି କଲେ ଉଦ୍‌ଘାଟନ

**ବ୍ରହ୍ମପୁର ଅଫିସ,୨।୧**

**ବିଚାରପତିଙ୍କ ପାଇଁ ଗେଷ୍ଟ ହାଉସ୍**

ଗଞ୍ଜାମ ଜିଲା ଗୋପାଳପୁରରେ ବିଚାରପତିଙ୍କ ପାଇଁ ନିର୍ମାଣ କରାଯାଇଥିବା ଗେଷ୍ଟ ହାଉସ୍‌କୁ ଗୁରୁବାର ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଜାଭେରୀ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାରେ ଏହି ଗେଷ୍ଟ ହାଉସ ଦ୍ୱିତୀୟ ବୋଲି ଜଣାପଡିଛି। ସୁପ୍ରିମକୋର୍ଟ ବିଚାରପତି ଓ ହାଇକୋର୍ଟ ବିଚାରପତିମାନେ ହିଁ ଏହି ଗେଷ୍ଟ ହାଉସ୍‌ରେ ରହିପାରିବେ। ପ୍ରାୟ ୪ କୋଟି ଟଙ୍କାରେ ଏହି ଗେଷ୍ଟ ହାଉସ୍‌ଟି ନିର୍ମାଣ କରାଯାଇଛି। ଏଥିରେ ତଳ ଉପର ହୋଇ ୬ ଗୋଟି ବଡ ହଲ ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ଏହି ଉଦ୍‌ଘାଟନୀ ବେଳେ ଗଞ୍ଜାମ ଜିଲା ଦୌରା ଜଜ୍ ରାମ ଶଙ୍କର ହୋତା, ସିଭିଲ ରେଜିଷ୍ଟ୍ରାର ଅମିତ ସ୍ୱରୂପ ସେଠ, ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି, ଏଡିଜେ-୧ ପ୍ରସନ୍ନ କୁମାର ପଣ୍ଡା, ଏଡିଜେ-୨ ଜଗଦୀଶ ପ୍ରସାଦ ମହାନ୍ତି,ଏଡିଜେ-୩ ନିରଞ୍ଜନ ଜେନା, ଫ୍ୟାମିଲି ଜଜ ପ୍ରଜ୍ଞା ପାଣିଗ୍ରାହୀଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଲୋକଙ୍କୁ ସଚେତନ କଲା ଆର୍‌ପିଏଫ୍

**ଛତ୍ରପୁର,୨।୧(ଡି.ଏନ୍.ଏ.)**

ଛତ୍ରପୁର କୋର୍ଟହଲ୍ଟ ଷ୍ଟେଶନ ନିକଟ ରେଡ୍ଡୀ ଷ୍ଟ୍ରିଟ୍‌ରେ ଗୁରୁବାର ସ୍ଥାନୀୟ ଆରପିଏଫ୍ ଆଉଟପୋଷ୍ଟ ପକ୍ଷରୁ ଲୋକଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଏଥିରେ ଆରପିଏଫ୍ ଆଉଟପୋଷ୍ଟର ଏସ୍‌ଆଇ ଏଲ. ବି. ସିଂ ଓ ଷ୍ଟାଫ୍ ସାମିଲ ଥିଲେ। ଟ୍ରେନ୍‌ରେ ଯାତ୍ରା ବେଳେ ୧୮୨ ସୁରକ୍ଷା ହେଲ୍‌ପ ଲାଇନ୍ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। କୌଣସି ଦୁର୍ଘଟଣା ଆଶଙ୍କା ଥିଲେ ଉକ୍ତ ନମ୍ବରକୁ ଫୋନ୍ କରିବାକୁ କୁହାଯାଇଛି। ଆରପିଏଫ୍ ତୁରନ୍ତ ଯାତ୍ରୀଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇଦେବେ। ଏଥିସହ ମହିଳା ଯାତ୍ରୀଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା କୁହାଯାଇଥିଲା। ବିଭିନ୍ନ ସମୟରେ ଟ୍ରେନ୍ ଉପରକୁ ପିଲାମାନେ ପଥର ଫିଙ୍ଗୁଥିବାରୁ ଯାତ୍ରୀ ଆହତ ହେଉଛନ୍ତି। ଏପରି ନ କରିବାକୁ ଆରପିଏଫ୍ ପକ୍ଷରୁ ସଚେତନ କରାଯାଇଛି। ସେହିପରି ଆବଶ୍ୟକ ନ ହେଲେ ଚେନ୍ ପୁଲିଂ ନ କରିବାକୁ ପରାମର୍ଶ ଦିଆଯାଇଛି।




ଲୋକଙ୍କୁ ସଚେତନ କରାଯାଉଛି।

### ୪ ମାସ ହେଲା ପ୍ରଧାନଶିକ୍ଷକ ପଦବୀ ଖାଲି

## 'ମିଶନ ଜିରୋ ଫେଲ୍'କୁ ନେଇ ସନ୍ଦେହ

**ଶେରଗଡ,୨।୧(ଡି.ଏନ୍.ଏ.)**

**ମହାତ୍ମା ଗାନ୍ଧୀ ହାଇସ୍କୁଲ**




ଶେରଗଡ ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ୪ ମାସ ହେଲା ଖାଲି ପଡିଛି। ଜିଲା ଶିକ୍ଷା ବିଭାଗ କାମଚଳାଭାବେ ଜଣେ ସହକାରୀ ଶିକ୍ଷକଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଦେଇଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସେହି ସହକାରୀ ଶିକ୍ଷକ ଯେଉଁ ବିଷୟ ପଢାଉଥିଲେ, ତାହା ପଢାଇବାରେ ସମସ୍ୟା ହେଉଛି। ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୫୮ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଜଣେ ନିୟମିତ ପ୍ରଧାନ ଶିକ୍ଷକ ନ ଥିବାରୁ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ସହ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମେଧାବୀ କରିବା କ୍ଷେତ୍ରରେ ଅସୁବିଧା ପରିଲକ୍ଷିତ ହେଉଛି। ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମହାତ୍ମା ଗାନ୍ଧୀଙ୍କ ସ୍ମୃତି ସନ୍ତକ। ବହୁ ମେଧାବୀ, ରାଜନେତା, ପ୍ରଶାସନିକ ଅଧିକାରୀ ଏହି ବିଦ୍ୟାଳୟରେ ପଢିଛନ୍ତି। ମାତ୍ର ୪ ମାସ ହେଲା ପ୍ରଧାନଶିକ୍ଷକ ନଥିଲେ ମଧ କାହାରି ତତ୍ପରତା ନାହିଁ। ଏହି ଅଞ୍ଚଳବାସୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମଧ ସୁଫଳ ମିଳୁନି।

କିଛିଦିନ ତଳେ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରେ 'ମିଶନ ଜିରୋ ଫେଲ୍' ପାଇଁ ଯୋଜନା ଚଳାଇଛନ୍ତି। ମାତ୍ର ଏହି ମିଶନ ମହାତ୍ମା ଗାନ୍ଧୀ ବିଦ୍ୟାଳୟରେ ସଫଳ ହେବା ନେଇ ସନ୍ଦେହ ପ୍ରକଟ ହୋଇଛି। ବିନା ପ୍ରଧାନଶିକ୍ଷକରେ ଏହି ମିଶନ ଅସମ୍ଭବ।

ଏନେଇ ପରିଚାଳନା କମିଟି ସଭାପତି ସୀମାଞ୍ଚଳ ପ୍ରଧାନ କୁହନ୍ତି, ଏଠାରେ ଥିବା ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ୪ ମାସ ହେଲା ବଦଳି ହୋଇ ଗଲେଣି। ତାଙ୍କ ସମୟରେ ବିଦ୍ୟାଳୟ ଶୃଙ୍ଖଳିତ ଭାବେ ଚାଲିବା ସହ ବହୁ ଉନ୍ନତି ହୋଇଥିଲା। ସେହିଭଳି ଜଣେ ଅଭିଜ୍ଞ ପ୍ରଧାନଶିକ୍ଷକ ମହାତ୍ମାଗାନ୍ଧୀ ହାଇସ୍କୁଲକୁ ଲୋଡା। ଏନେଇ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା କୁହନ୍ତି, ଆମ୍ଭେ ଏ ସମ୍ପର୍କରେ ଅବଗତ ଅଛୁ। ଶିକ୍ଷା ବିଭାଗକୁ ଏ ବିଷୟରେ ଜଣା ଯାଇଛି। ଅତିଶୀଘ୍ର ପ୍ରଧାନଶିକ୍ଷକ ପଦବୀ ପୂରଣ ହେବ।

## ସଂକ୍ଷେପରେ

### ଜଙ୍ଗଲ ରାସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୋରଡ଼ା,୨।୧(ଡି.ଏନ.ଏ.):** ବଡ଼ଗଡ଼ ଥାନା ମେରୀକୋଟ-ଜେରା ଗ୍ରାମ ରାସ୍ତା ମଝିର ଜଙ୍ଗଲ ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହ ବଡ଼ଗଡ଼ ପୋଲିସ ଉଦ୍ଧାର କରିଛି। ସେ ହେଲେ ପରମାନନ୍ଦ ନାୟକ (୩୯)। ତାଙ୍କ ମୁହଁ ପଥରରେ ବାରମ୍ବାର ଛେଚା ଯାଇଥିବା ଅନୁମାନ କରାଯାଇଛି। ଅପରାହ୍ନରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇ ତଦନ୍ତ ଆରମ୍ଭ କରିଛି। ବୁଧବାର ନବବର୍ଷର ପାଇଁ ମେରିକୋଟର କେତେଜଣ ଯୁବକ ନିକଟସ୍ଥ ଜେରା ଗ୍ରାମକୁ ରାତିରେ ଭୋଜିରେ ଯୋଗଦେବାକୁ ଯାଇଥିଲେ। ସେମାନଙ୍କ ସହ ପରମାନନ୍ଦ ନାୟକ (୩୯) ମଧ ଯାଇଥିଲେ। ବିଳମ୍ବିତ ରାତିଯାଏ ସେ ଆଉ ଘରକୁ ଫେରି ନ ଥିଲେ। ସକାଳୁ ଜଙ୍ଗଲ ରାସ୍ତାରେ ମୃତଦେହ ପଡ଼ିଥିବା ଖବର ପ୍ରଚାର ପରେ ପୋଲିସ ପହଞ୍ଚିଥିଲା। ପରମାନନ୍ଦଙ୍କ ବାପା ଚକ୍ରଧର ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରମାନନ୍ଦଙ୍କୁ କିଏ ହତ୍ୟା କରିଛି, ଏହା ଜଣକର କାର୍ଯ୍ୟ ନା ସଂଘବଦ୍ଧ ଭାବେ କରାଯାଇଛି। ସେ କେଉଁ ଜାଗାକୁ କାହା ସହ ଯାଇଥିଲେ ପୋଲିସ ସେସବୁ ଦିଗକୁ ନେଇ ଖୋଳତାଡ଼ ଆରମ୍ଭ କରିଛି। ଏ ସମ୍ପର୍କରେ ଥାନାଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଏକ ହତ୍ୟା ଘଟଣା। ସେଠିକାର ଆମ ପୋଲିସ ସମିତି ବୈଠକର ଜଣେ ସଦସ୍ୟ ଏତଲା ଦେଇଛନ୍ତି ବୋଲି ସୂଚନା ଦେଇଥିଲେ।

### ୧୨ରୁ ବାହୁଦା ମହୋତ୍ସବ

**ଚିକିଟି,୨।୧(ଡି.ଏନ.ଏ.):** ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡା ଗ୍ରାମରେ ଦକ୍ଷିଣ ଓଡିଶାର ସାଂସ୍କୃତିକ ଗଣମହାପର୍ବ ବାହୁଦା ମହୋତ୍ସବ ଆସନ୍ତା ୧୨ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ବିଭିନ୍ନ ଜିଲାର ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ମଞ୍ଚସ୍ଥ ହେବ। ଗୁରୁବାର ନୂଆପଡା ଗ୍ରାମ ବ୍ରାହ୍ମଣ ସମାଜ ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି। ବାହୁଦା ଏକ ପବିତ୍ର ନଦୀ। ଏହା ମହେନ୍ଦ୍ରଗିରି ପର୍ବତମାଳାରୁ ବାହାରି ବଙ୍ଗୋପସାଗରରେ ମିଶିଛି। ପୌରାଣିକ ଯୁଗରୁ ଏହାର ମହାତ୍ମ୍ୟକୁ ନେଇ ଅନେକ ପୁସ୍ତକ ରଚନା ହୋଇଥିଲେ ମଧ ଲୋକଲୋଚନକୁ ଆସି ପାରୁନାହିଁ। ଏହାର ପ୍ରଚାର ଓ ପ୍ରସାର କରିବା ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ୨୦୧୩ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ବିନା ସରକାରୀ ସହାୟତାରେ ହୋଇଆସୁଛି। ଚଳିତବର୍ଷ ମହୋତ୍ସବରେ ୩୮ ଉର୍ଦ୍ଧ୍ୱ ନୂଆ ନାଟକ ମଞ୍ଚସ୍ଥ ହେବ। ଏଥିସହିତ ୧୮ଟି ବିଭିନ୍ନ ଜିଲା ଓ ରାଜ୍ୟର ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀ, ନୃତ୍ୟଦଳ, ଓଡିଆ ଚଳଚ୍ଚିତ୍ର, ଧାରାବାହିକ ନାୟିକା ଓ ନାୟକ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି। ଓଡିଶାର ବିଭିନ୍ନ ଅଞ୍ଚଳରେ ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଲୋକଙ୍କୁ ସମ୍ବର୍ଦ୍ଧିତ କରାଯିବ।

### ୧୬ ବ୍ଲକରେ ହିତାଧିକାରୀଙ୍କୁ ମିଳିନି ପାଇଖାନା ନିର୍ମାଣ ଟଙ୍କା

# ୩୨ ଜେଇଙ୍କୁ କାରଣ ଦର୍ଶାଅ ନୋଟିସ

**ଛତ୍ରପୁର,୨।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରି ଜିଲାରେ ଚାଲିଥିବା ରୁରାଲ ହାଉସିଂ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ। ଅନ୍ୟପକ୍ଷରେ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାର ସ୍ଥିତି ସମୀକ୍ଷା କରିଥିଲେ। ଏହି ଯୋଜନାରେ ପାଇଖାନା ନିର୍ମାଣ କରିଥିବା ସମସ୍ତ ହିତାଧିକାରୀଙ୍କ ଟଙ୍କା ଡିସେମ୍ବର ୩୧ ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ପୂର୍ବରୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାର ୨୨ ବ୍ଲକ ମଧ୍ୟରୁ ୧୬ଟି ବ୍ଲକ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବା ସମୀକ୍ଷା ବେଳେ ଜଣାପଡିଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତ ୧୬ ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ୩୨ କନିଷ୍ଠ ଯନ୍ତ୍ରୀ -୧ ଓ ୨ଙ୍କୁ ଗୁରୁବାର ଡିଆରଡିଏ ପିଡିଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ପୋଲସରା, ବେଗୁନିଆପଡା, ଖଲ୍ଲିକୋଟ, କୁକୁଡାଖଣ୍ଡି, ଚିକିଟି, ପାତ୍ରପୁର, ସାନଖେମୁଣ୍ଡି, ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ବୁଗୁଡା, ଆସିକା, ଧରାକୋଟ ଓ ସୋରଡା ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଏହି ନୋଟିସ ପଠାଯାଇଛି। ସେହିପରି ଆସନ୍ତା ୧୫ ତାରିଖ ସୁଦ୍ଧା ପାଇଖାନା ନିର୍ମାଣ ପାଇଁ ବକେୟା ଥିବା ଟଙ୍କା ସମସ୍ତ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ପଠା ନ ଗଲେ ସମ୍ପୃକ୍ତ ବ୍ଲକର କନିଷ୍ଠ ଯନ୍ତ୍ରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ଜିଲାର ଗ୍ରାମାଞ୍ଚଳରେ ଆହୁରି ୨୮ ହଜାର ଘରେ ପାଇଖାନା ନାହିଁ। ଏ ନେଇ ଏକ ତାଲିକା ପ୍ରସ୍ତୁତ ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏମାନଙ୍କୁ ଟଙ୍କା ଦେବା ସହ ପାଇଖାନା ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଅଚଳ ନଳକୂପ ଓ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି। ଏହି ଅବଧି ମଧ୍ୟରେ ଜିଲାର ଗ୍ରାମାଞ୍ଚଳରେ ଥିବା ୨୫ ପ୍ରତିଶତ ଘରକୁ ପାଇପ୍ ପାଣି ସଂଯୋଗ ଦିଆଯିବ। ବୈଠକରେ ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

## ଉଭୟ ପକ୍ଷରୁ ୫ ଆହତ, ୭ ଗିରଫ

**ଆସିକା,୨।୧(ଡି.ଏନ୍.ଏ.)**

ଆସିକା ଥାନା ଅନ୍ତର୍ଗତ ସାପୁଆପଲ୍ଲୀ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ପରେ ହାତାହାତି ହୋଇ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ଗୁରୁବାର ଦୁଇ ପକ୍ଷ ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଥିଲେ। ପୋଲିସ ପୃଥକ ୨ଟି ମାମଲା (ନଂ.୧,୨/୨୦) ରୁଜୁ କରି ଉଭୟ ପକ୍ଷରୁ ୭ ଜଣଙ୍କୁ ଗିରଫ କରିଛି। ଗୋଟିଏ ପକ୍ଷରୁ ରମେଶ ନାହାକଙ୍କ ଅଭିଯୋଗକ୍ରମେ ଅପର ପକ୍ଷର ୪ ଜଣ ଯଥା ତ୍ରିନାଥ ନାହାକ, ରୋହିତ ନାହାକ, ରବି ନାହାକ ଓ ମୁନା ନାୟକଙ୍କୁ ଗିରଫ କରାଯାଇଛି। ସେହିପରି ତ୍ରିନାଥଙ୍କ ଅଭିଯୋଗକ୍ରମେ ୩ ଜଣ ଯଥା ରମେଶଙ୍କ ସମେତ ଟୁକୁନା ନାହାକ ଓ ଅଲେଖ ନାହାକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରମେଶଙ୍କ ଘର ସମ୍ମୁଖରେ ଅଭିଯୁକ୍ତମାନେ ନିଶାସକ୍ତ ହୋଇ ପାଟିତୁଣ୍ଡ କରୁଥିଲେ। ଏପରି ନ କରିବାକୁ କହିବାରୁ ତାଙ୍କ ଉପରେ ଆକ୍ରମଣ ହୋଇଥିବା ରମେଶ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରମେଶଙ୍କ ପରିବାରରେ ଲାଗିଥିବା ଏକ ଝଗଡାକୁ ସମାଧାନ ଲାଗି ଯାଇଥିବା ବେଳେ ତାଙ୍କ ପରିବାର ଆକ୍ରମଣ କରିଥିଲେ ବୋଲି ତ୍ରିନାଥ ଅଭିଯୋଗରେ ଦର୍ଶାଇଛନ୍ତି।

## ତାରାତାରିଣୀ ପୀଠ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**ପୁରୁଷୋତ୍ତମପୁର,୨।୧(ଡି.ଏନ.ଏ.)**

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ମନ୍ଦିର ଓ ପୀଠରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି। ମନ୍ଦିର ପରିସର ଅପରିଷ୍କାର ହୋଇଥିବା ଓ ପଲିଥିନସବୁ ପଡିଥିବା ଦେଖି ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ମନ୍ଦିରର କାର୍ଯ୍ୟଗୁଡ଼ିକ କିଭଳି ଠିକ ଭାବେ ହେବ, ମନ୍ଦିରର ବିକାଶ ସହ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ସୁବିଧା ସୁଯୋଗ ପାଇପାରିବେ ସେ ନେଇ ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ସୀମାଞ୍ଚଳ ମହାନ୍ତି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ତୁଷାର କାନ୍ତ ସାହୁ, ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ଲୋକେଶ୍ୱର, ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁରେଶ କୁମାର ମିଶ୍ର, ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ନାଗେଶ୍ୱର ରାଓ, ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଓ ପୂଜକ ବାପୁଜୀ ରଣାଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟଗୁଡିକୁ ଯଥାଶୀଘ୍ର ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ କହିଥିଲେ, ଏହି ପ୍ରସିଦ୍ଧ ଶକ୍ତି ପୀଠ ଯେପରି ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠିତ ହୋଇପାରିବ ସେ ନେଇ ସରକାର ଗୁରୁତ୍ୱ ଦେଇଛନ୍ତି। ତେଣୁ ନୂତନ ଶୈଳୀରେ ଏହାର ବିଭିନ୍ନ କାର୍ଯ୍ୟ କରାଯିବ। ଅଧିକରୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକମାନେ ଯେଭଳି ଆସିବେ ତାହାର ସୁବିଧା ମଧ୍ୟ କରାଯିବ।

### ନଦୀ ମୁହାଣକୁ ନେଇ ୨ ଗାଁ ମଧ୍ୟରେ ବିବାଦ ଘଟଣା

## ବସିଲା ଶାନ୍ତି କମିଟି ବୈଠକ

**ଚିକିଟି,୨।୧(ଡି.ଏନ.ଏ.)**

ଚିକିଟି ବ୍ଲକ ରାମୟାପାଟଣା ଓ ଚନ୍ଦନବାଡ଼ ଗ୍ରାମବାସୀଙ୍କ ମଧ୍ୟରେ ନିକଟରେ ଥିବା ବାହୁଦା ନଦୀ ମୁହାଣରେ ମାଛ ଧରିବାକୁ ନେଇ ଦୀର୍ଘ ୩ ବର୍ଷ ହେଲା ବିବାଦ ଲାଗି ରହିଛି। ଇତିମଧ୍ୟରେ ୧ ଅକ୍ଟୋବର ୨୦୧୯ରେ ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। ଆକ୍ରମଣ, ପ୍ରତିଆକ୍ରମଣରେ ଉଭୟ ପକ୍ଷରୁ ୧୧ ଜଣ ଗୁରୁତର ଆହତ ହୋଇଥିଲେ। ଏଥିରେ ପ୍ରଶାସନ ହସ୍ତକ୍ଷେପ କରିଥିଲା। ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ମଧ୍ୟାହ୍ନରେ ଚିକିଟି ତହସିଲ କାର୍ଯ୍ୟାଳୟ ପରିସରରେ ଉଭୟ ଗ୍ରାମରୁ ୫ ଜଣଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ହୋଇଥିଲା। ଚିକିଟି ତହସିଲଦାର ହରପ୍ରସାଦ ଭୋଇ, ଅତିରିକ୍ତ ତହସିଲଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ଏବିଡିଓ ରମାକାନ୍ତ ସାହୁ ଉପସ୍ଥିତ ରହି କିପରି ଉଭୟ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଆଲୋଚନାର ସବିଶେଷ ତଥ୍ୟ ପ୍ରଶାସନକୁ ଜଣାଇବା ପରେ ଯାହା ନିଷ୍ପତ୍ତି ହେବ ବୋଲି ତହସିଲଦାର ହରପ୍ରସାଦ ଭୋଇ କହିଛନ୍ତି।



ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

### ନଦୀରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

**ଭଞ୍ଜନଗର,୨।୧(ଡି.ଏନ୍.ଏ.)**

ଗାଲେରୀ ଫାଣ୍ଡି ପେଟାକିଆରୀର ପ୍ରଭାସିନି ସେଠୀ (୧୯) ଗୁରୁବାର ସକାଳେ ନଦୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଏନେଇ ଗାଲେରୀ ଫାଣ୍ଡି ପୋଲିସ ନଂ.୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ପ୍ରକାଶ ଯେ, ପ୍ରଭାସିନି ସାଙ୍ଗମାନଙ୍କ ସହ ସକାଳେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଫିଡ଼ସ୍ ମାରିବାରୁ ସେ ନଦୀ ପାଣିରେ ପଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ପ୍ରଭାସିନିଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ



ଅଧକ୍ଷ ଉଦ୍‌ବୋଧନ ଦେଉଛନ୍ତି।

**ଭଞ୍ଜନଗର୨।୧(ଡି.ଏନ.ଏ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଗୁରୁବାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଯୁକ୍ତ ୨ ବୈଷୟିକ ଶିକ୍ଷାନୁଷ୍ଠାନ ଭାରପ୍ରାପ୍ତ ଅଧକ୍ଷ ଡ. ବିନୋଦ ଚନ୍ଦ୍ର ଦାସ, ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର, ଡ. ଆର୍. ଏନ୍. ପାଲ, ବିଭୂତି ଭୂଷଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଶ୍ୱବିଦ୍ୟାଳୟର ଇତିହାସ ସମ୍ପର୍କରେ ଆଲୋଚନାରେ କରିଥିଲେ।

## ଶହୀଦ ମେମୋରିଆଲ କ୍ରିକେଟ: ଫିରିଙ୍ଗିଆ, ରାଇକିଆ ବିଜୟୀ



ଏସ୍‌ପିଙ୍କ ସହ ଖେଳାଳିମାନେ।

**ଫୁଲବାଣୀ ଅଫିସ, ୨।୧**

ଫୁଲବାଣୀ ମାଦିକୁଦାସ୍ଥିତ ରିଜର୍ଭ ପୋଲିସ ପଡିଆରେ ଶହୀଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏସ୍‌ପି ପ୍ରତୀକ ଗୀତା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଫିରିଙ୍ଗିଆ ଟିମ୍ ବିପକ୍ଷ ଆର୍. ନୂଆଗାଁ ଟିମ୍‌କୁ ହରାଇ ଥିବା ବେଳେ ଦ୍ୱିତୀୟ ମ୍ୟାଚରେ ରାଇକିଆ ଦଳ ବିପକ୍ଷ ପୋଲିସ ଟିମ୍‌କୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଛି। ଆର୍.ନୂଆଗାଁ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୪୧ ରନ କରିଥିଲା । ଜବାବରେ ଫିରିଙ୍ଗିଆ ଟିମ୍ ୫ ଉଇକେଟ ହରାଇ ୧୪୨ ରନ କରି ମ୍ୟାଚ ଜିତିଥିଲା। ଦ୍ୱିତୀୟ ମ୍ୟାଚରେ ରାଇକିଆ ପ୍ରଥମେ ବ୍ୟାଟିଂ କରି ୧୦୨ ରନ କରିଥିଲା। ଜବାବରେ ପୋଲିସ ଟିମ୍ ୯୫ ରନ କରି ମ୍ୟାଚ ହାରିଥିଲା। ସୂଚନାଯୋଗ୍ୟ, ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା କନ୍ଧମାଳ ପୋଲିସର ୩ ଯବାନଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୧୦ଟି ଟିମ ଭାଗ ନେଇଛନ୍ତି। ଆସନ୍ତା ୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ।

### ଲୁଦୁ ଜଳପ୍ରପାତରେ ପର୍ଯ୍ୟଟକଙ୍କ ଭିଡ଼

# ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ଦାବି

**ସରୋଜ ବଳିଆରସିଂ**
**କୋଟଗଡ଼,୨।୧(ଡି.ଏନ୍.ଏ.)**

ସରକାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି। କନ୍ଧମାଳ ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ଏହାର ବିକାଶ ଲାଗି ବହୁ ଟଙ୍କା ପର୍ଯ୍ୟଟନ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଉଛି। କିନ୍ତୁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି, ଯାହାକୁ ଜିଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତେ ସେଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଯାଇପାରନ୍ତେ। ତାହା ମଧ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା। ଏଭଳି ଏକ ସ୍ଥାନ କନ୍ଧମାଳ ଜିଲା କୋଟଗଡ ବ୍ଲକଠାରୁ ୨୫ କି.ମି. ଦୂର ସୁବର୍ଣ୍ଣଗିରି ପଞ୍ଚାୟତ ଜାକେସିଠାରେ ରହିଛି । ତାହା ହେଲା ଲୁଦୁ ଜଳପ୍ରପାତ। ଏହାକୁ ଦେଖିବାକୁ ରାଜ୍ୟ ତଥା ବାହାରୁ ବହୁ ପର୍ଯ୍ୟଟକ ବିଭିନ୍ନ ସମୟରେ ଆସିଥାନ୍ତି। ସୁନ୍ଦର ପ୍ରାକୃତିକ ପରିବେଶ ସହ ଜଳପ୍ରପାତର ମଜାନେବା ପାଇଁ ପରିବାର ସହ ଆସି ଏଠାରେ ବଣଭୋଜି କରିଥାନ୍ତି। ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିଲେ ମଧ୍ୟ ସୁନ୍ଦର ଶୋଭାରାଜିକୁ ଉପଭୋଗ କରିବାକୁ ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ବୁଲିବାକୁ ଆସନ୍ତି। ମାତ୍ର ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧାସୁଯୋଗ ନାହିଁ। ରାନ୍ଧିବା ଓ ଖାଇବା ପାଇଁ ପିଣ୍ଡି ନିର୍ମାଣ ସହ ପାନୀୟଜଳ ଓ ପାର୍କିଂ ବ୍ୟବସ୍ଥା ନାହିଁ। ସ୍ଥାନୀୟ ପ୍ରଶାସନ ଜଳପ୍ରପାତ ପ୍ରତି ଯଦି ଦୃଷ୍ଟି ଦିଅନ୍ତେ, ତାହେଲେ ପର୍ଯ୍ୟଟକମାନେ ବଣଭୋଜି କରିବା ସହ ବିଶ୍ରାମ ନେଇପାରନ୍ତେ। ଏଠାକୁ ଆହୁରି ଅଧିକ ପର୍ଯ୍ୟଟକ ଆସନ୍ତେ। ତେଣୁ ଲୁଦୁ ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ସୁବର୍ଣ୍ଣଗିରି ପଞ୍ଚାୟତର ପୂର୍ବତନ ସରପଞ୍ଚ ପରାଶର ପାଟ୍ଟମାଝି ଓ ଏସ୍‌ସି ଏସ୍‌ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ସୁରେଖା ପାଟ୍ଟମାଝି ପ୍ରମୁଖ ଦାବି କରିଛନ୍ତି।



ଲୁଦୁ ଜଳପ୍ରପାତରେ ପର୍ଯ୍ୟଟକଙ୍କ ଭିଡ।

**କୋଟଗଡ଼ ବ୍ଲକ**

## ଦଳରେ ଭର୍ତ୍ତି ବେଙ୍ଗେଇ ବନ୍ଧ, ହେଉନି ପୁନରୁଦ୍ଧାର

**ବୁଗୁଡ଼ା,୨।୧(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସିର ୧୨ ନଂ. ୱାର୍ଡରେ ଥିବା ବହୁ ବର୍ଷ ତଳର ବେଙ୍ଗେଇ ବନ୍ଧ ଦଳରେ ପୋତି ହୋଇଛି। ଏନ୍‌ଏସିର ସବୁଠାରୁ ପୁରୁଣା ଏହି ବନ୍ଧ ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ରହିଥିଲେ ମଧ ଏହାର ପୁନରୁଦ୍ଧାର ଚିନ୍ତା କରାଯାଉନାହିଁ। ପୂର୍ବରୁ ଏହି ବନ୍ଧ ଉପରେ ୯, ୧୦, ୧୧ ଓ ୧୨ନଂ ୱାର୍ଡର ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିଲେ। ସ୍ନାନଠାରୁ ଆରମ୍ଭ କରି ଦେବଦେବୀ ପୂଜା, ଏପରକି ଆବଶ୍ୟକ ବେଳେ ଏଠାରୁ ପାନୀୟ ଜଳ ସଂଗ୍ରହ କରୁଥିଲେ। ହେଲେ ପ୍ରାୟ ୨ ବର୍ଷ ହେବ ଏହା ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ବନ୍ଧରେ ଦଳ ଭର୍ତ୍ତି ହୋଇଥିବା ବେଳେ କେତେକ ୱାର୍ଡର ଡ୍ରେନ ପାଣି ମିଶି ଜଳକୁ ଦୂଷିତ କରୁଛି। ବନ୍ଧ ପୁନରୁଦ୍ଧାର କରିବାକୁ ଉପରୋକ୍ତ ୱାର୍ଡବାସୀ ଏନଏସି ପ୍ରଶାସନକୁ ବାରମ୍ବାର ଜଣାଇଛନ୍ତି। ଏପରିକି ଏହି ସମସ୍ୟା ସମାଧାନ ପାଇଁ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତଥାପି ବନ୍ଧ ପ୍ରତି କେହି ଧ୍ୟାନ ନଦେବା ଦୁର୍ଭାଗ୍ୟର ବିଷୟ। ତୁରନ୍ତ ଏହି ବନ୍ଧ ପୁନରୁଦ୍ଧାର କରି ହଜାର ହଜାର ଲୋକଙ୍କ କାର୍ଯ୍ୟରେ ଲାଗିବା ଭଳି ପଦକ୍ଷେପ ନିଆଯିବାକୁ ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ସହ ଯୋଗଯୋଗ କରିବାରୁ ବନ୍ଧ ପୁନରୁଦ୍ଧାର ପାଇଁ ପ୍ରଶାସନ ଉଦ୍ୟମ କରି ଆସୁଛି। ଖୁବ୍‌ଶୀଘ୍ର ଗ୍ରାମରେ ଏ ନେଇ ବୈଠକ ଡକାଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ନଷ୍ଟ କରାଗଲା ଗଞ୍ଜେଇ ଗଛ

**ବାଲିଗୁଡା,୨।୧(ଡି.ଏନ୍.ଏ.)**

ବାଲିଗୁଡା ଥାନା ଅନ୍ତର୍ଗତ ବାଟାଗୁଡା ପଞ୍ଚାୟତର ବାଟାଗୁଡା, ତଗାକିଆ ଓ ମୁଥୁମିଲା ଜଙ୍ଗଲରୁ ପ୍ରାୟ ୧୩ ଲକ୍ଷ ଗଞ୍ଜେଇ ଗଛ କଟାଯାଇଛି। ମାଫିଆମାନେ ବାଡ଼ ବାନ୍ଧି ପାହାଡରେ ଗଞ୍ଜେଇ ଚାଷ କରିଥିବା ଦେଖାଯାଇଥିଲା। ସେମାନଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଏବଂ କୁଡିଆ ସହ କଟାଯାଇଥିବା ଗଞ୍ଜେଇ ଗଛକୁ ପୋଡି ଦିଆଯାଇଛି। ବାଲିଗୁଡା ଆଇଆଇସି ପ୍ରଶାନ୍ତ କୁମାର ବେହେରା, ଅବକାରୀ ବିଭାଗର ଇନ୍ସପେକ୍ଟର ମାଧବ କୌଶଳଙ୍କ ସମେତ ପୋଲିସ, ଅବକାରୀ ବିଭାଗ ଓ ସିଆରପିଏଫ ଯବାନମାନେ ଏଥିରେ ସାମିଲ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ